# NATIONAL NEWS BULLETIN (ODIA)

**31 May - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଗ୍ରୀଷ୍ମ ପ୍ରକୋପରୁ ରକ୍ଷା ପାଇବା ପାଇଁ ଜାରି ନିର୍ଦ୍ଦେଶାବଳୀକୁ ପାଳନ କରିବାକୁ ପରାମର୍ଶ ଦେଲେ ପ୍ରଧାନମନ୍ତ୍ରୀ ।

\- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶର ଅମୂଲ୍ୟ ଐତିହ୍ୟ ସ୍ଥଳୀଗୁଡ଼ିକର ସଂରକ୍ଷଣ ଉପରେ ଦେଲେ ଗୁରୁତ୍ୱ ।

- ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ନିଃଶୁଳ୍କ ବିଜୁଳି ଯୋଜନା ଅଧୀନରେ ଗତ ଶୁକ୍ରବାର ରେକର୍ଡ ସଂଖ୍ୟକ ଛାତ ଉପରେ ସୌରପ୍ରକଳ୍ପ ସ୍ଥାପନ ।
- ଭାରତର ୨୭ତମ ନୌସେନା ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କଲେ ଆଡମିରାଲ କ୍ରିଷ୍ଣା ସ୍ୱାମୀନାଥନ ।
- ଆମେରିକା ଇରାନ୍ ସହ ପରମାଣୁ ଚୁକ୍ତିର ନିକଟତର ହେଉଛି - ସୂଚନା ଦେଲେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଟାଇଟଲ ହାସଲ ପାଇଁ ଆଜି ଗୁଜରାଟ ଟାଇଟନ୍ସ ଓ ରୟାଲ୍ ଚାଲେଞ୍ଜର୍ସ୍ ବେଙ୍ଗାଲୁରୁ ମଧ୍ୟରେ ହେବ ଫାଇନାଲ ମ୍ୟାଚ୍ ।

---

# ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମ୍ପ୍ରତିକ ପ୍ରବଳ ଗରମ ଓ ଗୁଳଗୁଳି ସମୟରେ ସର୍ବାଧିକ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି । ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କୁ ସମ୍ବୋଧନ କରି ଶ୍ରୀ ମୋଦୀ ଗ୍ରୀଷ୍ମ ପ୍ରକୋପରୁ ରକ୍ଷା ପାଇବା ପାଇଁ ବିଭିନ୍ନ ସରକାରୀ ବିଭାଗ ଜାରି କରିଥିବା ନିର୍ଦ୍ଦେଶାବଳୀକୁ ପାଳନ କରିବାକୁ ପରାମର୍ଶ ଦେଇଛନ୍ତି । ଯଥେଷ୍ଟ ପାଣି ପିଇବା ସହିତ ପ୍ରବଳ ଖରା ସମୟରେ ଘରୁ ବାହାରକୁ ଯିବାବେଳେ ସତର୍କତା ଅବଲମ୍ବନ କରିବାକୁ ଶ୍ରୀ ମୋଦୀ କହିଛନ୍ତି ।

**V/O** (MKB-HOT-WEATHER)

ଗ୍ରୀଷ୍ମ ଋତୁରେ ଆମ୍ବର ଉତ୍ପାଦନ ଏବଂ ଏହାର ଗ୍ରହଣୀୟତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ପ୍ରତ୍ୟେକ ଅଞ୍ଚଳରୁ ଉତ୍ପାଦିତ ହେଉଥିବା ଆମ୍ବର ସ୍ୱତନ୍ତ୍ର ସ୍ୱାଦ ଓ ସୁଗନ୍ଧ ରହିଛି । ଏହି ଅବସରରେ ସେ ଦେଶର ବିଭିନ୍ନ ପ୍ରାନ୍ତରେ ଉତ୍ପାଦିତ ହେଉଥିବା ଆମ୍ବ ଉପରେ ଆଲୋକପାତ କରିଛନ୍ତି । ଆମ୍ବ ଚାଷ ସହିତ ଜଡିତ ଚାଷୀଙ୍କ ଉଦ୍ୟମକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି କୃଷି ଅର୍ଥନୀତିକୁ ଗତିଶୀଳ କରିବାରେ ଏହା ବେଶ୍ ସହାୟକ ହେଉଛି । ଗ୍ରାମାଞ୍ଚଳରୁ ଆମ୍ବ ଏବେ ବିଶ୍ୱ ବଜାରରେ ପହଞ୍ଚିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ନିକଟରେ ନେଦରଲ୍ୟାଣ୍ଡ୍ସ ଗସ୍ତ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ମୋଦୀ କହିଛନ୍ତି ଚୋଳ ଯୁଗର ପ୍ରାଚୀନ ତମ୍ବା ପାତ୍ରଗୁଡ଼ିକୁ ଭାରତକୁ ଫେରାଇ ଅଣାଯାଇଛି । ଏହି ତମ୍ବା ସାମଗ୍ରୀ ଗୁଡ଼ିକ ଚୋଳ ରାଜବଂଶର

ସଫଳତାକୁ ବର୍ଣ୍ଣନା କରିବା ସହ ସେତେବେଳେ ନୌବାଣିଜ୍ୟ କେତେ ସଶକ୍ତ ଥିଲା ତାହା ପ୍ରତିପାଦନ ହୋଇଛି । ଦକ୍ଷିଣପୂର୍ବ ଏସୀୟ ଦେଶଗୁଡ଼ିକ ସହିତ ଚୋଳ ରାଜୁତିବେଳର ସମ୍ପର୍କ ଉପରେ ଶ୍ରୀ ମୋଦୀ ଆଲୋକପାତ କରିଛନ୍ତି ।

ଦେଶର ଅମୂଲ୍ୟ ଐତିହ୍ୟ ସ୍ଥଳୀଗୁଡ଼ିକୁ ସଂରକ୍ଷିତ କରି ରଖିବାରେ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବୋଲି କହିଛନ୍ତି । ଜ୍ଞାନ ଭାରତମ୍ ଅଭିଯାନ ଅଧୀନରେ ଛତିଶଗଡର ମଲ୍‌ହାରରେ ହୋଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଶ୍ରୀ ମୋଦୀ ସୂଚନା ପ୍ରଦାନ କରିଛନ୍ତି । ଷଷ୍ଠ-ସପ୍ତମ ଶତାବ୍ଦୀରେ ପାଣ୍ଡୁବଂଶୀ ରାଜବଂଶର ମହର୍ଷି ବାଲାର୍ଜୁନଙ୍କ ସହ ସଂଶ୍ଳିଷ୍ଟ ୩ଟି ବିରଳ ତମ୍ବା ସାମଗ୍ରୀ ହସ୍ତଗତ ହୋଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଝାଡ଼ଖଣ୍ଡର ରାଞ୍ଚିରେ ସମ୍ପ୍ରତି ଅନୁଷ୍ଠିତ ଜାତୀୟ ବରିଷ୍ଠ ଦୌଡ଼କୁଦ ସଂଘ ପକ୍ଷରୁ ଆୟୋଜିତ ପ୍ରତିଯୋଗିତା ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଏଥିରେ ୮୦୦ଖେଳାଳି ବିଭିନ୍ନ ବର୍ଗରୁ ଅଂଶଗ୍ରହଣ କରିଥିଲେ । ୪ଟି ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିବା ଖେଳାଳିଙ୍କୁ ଶ୍ରୀ ମୋଦୀ ଅଭିନନ୍ଦନ ଜଣାଇଛନ୍ତି । ୧୦୦ମିଟର ଦୌଡ଼ ପ୍ରତିଯୋଗିତାରେ ନୂତନ ରେକର୍ଡ ସ୍ଥାପନ କରିଥିବା ଗୁରିନ୍ଦର ବିର୍ ସିଂହ ଏବଂ ଅନିମେଶ କୁଜୁରଙ୍କ ସହ ଶ୍ରୀ ମୋଦୀ କଥାବାର୍ତ୍ତା କରିଛନ୍ତି । କାର୍ଯ୍ୟକ୍ରମ ସମୟରେ ଏହି ଖେଳାଳିମାନେ ପ୍ରଧାନମନ୍ତ୍ରୀଙ୍କ ସହ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ ।

**V/O** (MKB-SPORTS-GRVINDAR-ANIMESH)

ପ୍ରଧାନମନ୍ତ୍ରୀ କହିଛନ୍ତି ଜ୍ୟୋର୍ତିବିଜ୍ଞାନ ସର୍ବଦା ଯୁବବର୍ଗଙ୍କ ପାଇଁ କୌତୁହଳ ସହିତ ଅନୁସନ୍ଧାନ ଦିଗରେ ପ୍ରେରଣା ପ୍ରଦାନ କରୁଛି । ଜ୍ୟୌର୍ତିବିଜ୍ଞାନ କ୍ଲବ ଦେଶବ୍ୟାପୀ କ୍ରମଶଃ ଲୋକପ୍ରିୟ ହେଉଛି । ଯୁବପିଢ଼ୀଙ୍କୁ ଏହି କ୍ଲବରେ ସଂଶ୍ଳିଷ୍ଟ ହେବା ସହ ଅବକାଶ ଦିନଗୁଡ଼ିକରେ ପ୍ଲାନେଟୋରିୟମ ପରିଦର୍ଶନ କରିବାକୁ ଅନୁରୋଧ କରିଛନ୍ତି ।

ଉତ୍ତରପ୍ରଦେଶର ଏକ କେନାଲରେ ଫସି ରହିଥିବା ଡଲଫିନ ଉଦ୍ଧାର ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ନମାମି ଗଙ୍ଗେ ଅଭିଯାନ ଅଧୀନରେ ନିର୍ମିତ ଭାରତର ପ୍ରଥମ ଗଙ୍ଗା ଡଲଫିନ ଉଦ୍ଧାର ଆମ୍ବୁଲାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ଦେଶର ଭବିଷ୍ୟତ ପୀଢ଼ି ପାଇଁ ଅମୂଲ୍ୟ ପ୍ରାକୃତିକ ଐତିହ୍ୟ ସୁରକ୍ଷା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ବିଭିନ୍ନ କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ କରିଥିବା ନାଗରିକଙ୍କ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି । ସମାଜ ପାଇଁ ନିରନ୍ତର କାର୍ଯ୍ୟ କରୁଥିବା ଲୋକଙ୍କଠାରୁ ଶିକ୍ଷାଲାଭ କରି ନିଜେ କିଛି ଭଲ କାର୍ଯ୍ୟର ଅଂଶ ହେବାକୁ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

## ଜୋଶୀ – ପିଏମ୍ ସୁର୍ଯ୍ୟା

ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ନିଃଶୁଳ୍କ ବିଜୁଳି ଯୋଜନା ଅଧୀନରେ ଗତ ଶୁକ୍ରବାର ଦିନ ୧୫ହଜାର ଛାତ ଉପରେ ସୌର ପ୍ରକଳ୍ପ ସ୍ଥାପନ କରାଯାଇଛି । ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଆଜି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଏ କ୍ଷେତ୍ରରେ ଦେଶରେ ନୂତନ ରେକର୍ଡ ସ୍ଥାପନ ହୋଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଯୋଶୀ କହିଛନ୍ତି ମହାରାଷ୍ଟ୍ରରେ

ଗୋଟିଏ ଦିନରେ ରେକର୍ଡ ୪ହଜାର ୭୦୦ ସୌର ସ୍ଥାପନ ନେଇ ପଞ୍ଜିକରଣ ହୋଇଛି । ମହାରାଷ୍ଟ୍ର ପରେ ଗୁଜୁରାଟ ଏ କ୍ଷେତ୍ରରେ ଦ୍ୱିତୀୟ ରାଜ୍ୟ ହୋଇଛି । ଗୁଜୁରାଟରେ ଇତିମଧ୍ୟରେ ୬ଲକ୍ଷ ଛାତ ଉପର ସୌରପ୍ରକଳ୍ପ ସ୍ଥାପନ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଆଧାରିତ ସ୍ୱଚ୍ଛ ଶକ୍ତିର ବ୍ୟାପକତାକୁ ଏହା ପ୍ରତିଫଳନ କରୁଛି ବୋଲି ମନ୍ତ୍ରୀ ଶ୍ରୀ ଯୋଶୀ କହିଛନ୍ତି ।

## ନିଉ ଚିଫ୍ ଅଫ୍ ନାଭାଲ ଷ୍ଟାଫ୍

ଆଡମିରାଲ କ୍ରିଷ୍ଣା ସ୍ୱାମୀନାଥନ ଭାରତର ୨୭ତମ ନୌସେନା ମୁଖ୍ୟ ଭାବେ ଆଜି ଦାୟିତ୍ୱଗ୍ରହଣ କରିଛନ୍ତି । ଆଡମିରାଲ ଦିନେଶ କେ. ତ୍ରିପାଠୀଙ୍କ ଠାରୁ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି । ଗଣମାଧ୍ୟମକୁ ସମ୍ବୋଧନ କରି ଆଡମିରାଲ ସ୍ୱାମୀନାଥନ କହିଛନ୍ତି ଦେଶର ସ୍ୱାର୍ଥସୁରକ୍ଷା ଦିଗରେ ଭାରତୀୟ ନୌସେନା ସର୍ବଦା ସଜାଗ ରହିଛି । ନୌସେନା ଦକ୍ଷତା ବୃଦ୍ଧି ଏବଂ ଆଧୁନିକୀକରଣ ଦିଗରେ ଗତିଶୀଳ ହେଉଛି ବୋଲି ଆଡମିରାଲ ସ୍ୱାମୀନାଥନ କହିଛନ୍ତି ।

ବିଦାୟୀ ନୌସେନା ମୁଖ୍ୟ ଆଡମିରାଲ ଦୀନେଶ କେ. ତ୍ରିପାଠୀ କହିଛନ୍ତି ଭାରତୀୟ ନୌସେନାର ନେତୃତ୍ୱ ନେବା ତାଙ୍କପାଇଁ ସମ୍ମାନର ବିଷୟ ଥିଲା । ଅପରେସନ ସିନ୍ଦୂର ଓ ଅପରେସନ ଉର୍ଜା ଉପରେ ଆଲୋକପାତ କରି ଆଡମିରାଲ ତ୍ରିପାଠୀ କହିଛନ୍ତି ପଶ୍ଚିମ ଏସିଆ ସଙ୍କଟ ସତ୍ତ୍ୱେ କ୍ଷେତ୍ରୀୟ ସୁରକ୍ଷା ଆହ୍ୱାନର ମୁକାବିଲା ଦିଗରେ ନୌସେନା ନିଜର ଦକ୍ଷତା ଏବଂ ଅଙ୍ଗୀକାରବଦ୍ଧତା ପ୍ରତିପାଦନ କରିଛି ।

## ୟୁଏସ୍-ଇରାନ୍ ଡିଲ୍

ଆମେରିକା’ ଇରାନ୍ ସହିତ ଏକ ପରମାଣୁ ଚୁକ୍ତିର ନିକଟତର ହେଉଛି ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି । ଯଦି ଆଲୋଚନା ବିଫଳ ହୁଏ ତେବେ ସାମରିକ କାର୍ଯ୍ୟାନୁଷ୍ଠାନ ଏକମାତ୍ର ବିକଳ୍ପ ଭାବେ ଗ୍ରହଣ କରିବାକୁ ପଡିବ । ଏକ ସାକ୍ଷାତ୍କାରରେ ଶ୍ରୀ ଟ୍ରମ୍ପ କହିଛନ୍ତି ପରମାଣୁ ଅସ୍ତ୍ରଠାରୁ ଇରାନ୍‌କୁ ଦୂରେଇ ରଖିବାପାଇଁ ଆମେରିକା ପ୍ରଶାସନ ପ୍ରାଥମିକତା ପ୍ରଦାନ କରୁଛି । ପରମାଣୁ ଅସ୍ତ୍ର ବିକାଶ ଏବଂ ହାସଲଠୁ ଦୂରେଇ ରହିବା ପାଇଁ ଇରାନ୍ ସହମତ ହୋଇଥିବା ଶ୍ରୀ ଟ୍ରମ୍ପ ଦାବି କରିଛନ୍ତି । ଯଦି ଦୁଇଦେଶ ମଧ୍ୟରେ ଆଲୋଚନା ଏକ କଠିନ ପରିସ୍ଥିତି ଦେଇ ଗତି କରୁଛି ତଥାପି ଏହା ସକରାତ୍ମକ ଢ଼ଙ୍ଗରେ ଆଗଉଥିବା ଶ୍ରୀ ଟ୍ରମ୍ପ କହିଛନ୍ତି । ଆମେରିକା ଏକ ଶାନ୍ତିପୂର୍ଣ୍ଣ ଚୁକ୍ତିରେ ପହଞ୍ଚିବାକୁ ଇଚ୍ଛାପ୍ରକାଶ କରୁଛି ତେବେ ଦାବି ପୂରଣ ନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ ବୋଲି ଟ୍ରମ୍ପ ସୂଚନା ଦେଇଛନ୍ତି ।

## ସାକେତ୍ ବିଲ୍‌ଡିଂ କୋଲାପ୍ସ

ଦକ୍ଷିଣ ଦିଲ୍ଲୀର ସାକେତ୍ ମେଟ୍ରୋ ଷ୍ଟେସନ ନିକଟରେ ଏକ ବ୍ୟାବସାୟିକ କୋଠା ଭୁଶୁଡିପଡିବାରୁ ୩ଜଣଙ୍କର ମୃତ୍ୟୁ ହୋଇଛି । ଗତ ସଂଧ୍ୟାରେ ଘଟିଥିବା ଏହି ଦୁର୍ଘଟଣାରେ ୧୧ଜଣଙ୍କ ଦିଲ୍ଲୀ ଏମ୍ସର ଜୟପ୍ରକାଶ ନାରାୟଣ ଆପେକ୍ସ ଟ୍ରମା ସେଣ୍ଟରକୁ ଚିକିତ୍ସା ପାଇଁ ଅଣାଯାଇଥିଲା । ଏମ୍ସ କର୍ତ୍ତୃପକ୍ଷ ଦେଇଥିବା ସୂଚନା ଅନୁଯାୟୀ ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ମୃତ ଘୋଷଣା କରାଯାଇଥିବାବେଳେ ଅନ୍ୟ ୫ଜଣ ଚିକିତ୍ସାଧୀନ ଅଛନ୍ତି । ତେବେ ଚିକିତ୍ସା

ପରେ ଅନ୍ୟ ୩ଜଣ ଘରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଆଜି ଘଟଣାସ୍ଥଳ ପରିଦର୍ଶନ କରି ରିଲିଫ ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦେଇଥିବା ସୂଚନା ଅନୁଯାୟୀ ଉଦ୍ଧରକାରୀ ଦଳ ଗତକାଲି ରାତିରୁ ନିରନ୍ତର କାର୍ଯ୍ୟ ଜାରି ରଖିଛନ୍ତି । ମେହେରୌଲି ପୁଲିସ ଷ୍ଟେସନରେ ଏ ନେଇ ଏକ ଫୌଜଦାରୀ ମାମଲା ଦାଏର କରାଯାଇଛି । ଆଖପାଖର ବିପଦସଙ୍କୁଳ ଅବସ୍ଥାରେ ଥିବା କୋଠାଗୁଡ଼ିକୁ ଯାଞ୍ଚ କରିବା ସହ ଆବଶ୍ୟକସ୍ଥଳେ ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ଇଣ୍ଡିଆ-ଅଷ୍ଟ୍ରେଲିଆ ଡିଫେନ୍ସ ମିନିଷ୍ଟର

ନୂଆଦିଲ୍ଲୀଠାରେ ଆସନ୍ତାକାଲି ଦ୍ୱିତୀୟ ଭାରତ-ଅଷ୍ଟ୍ରେଲିଆ ପ୍ରତିରକ୍ଷା ମନ୍ତ୍ରିସ୍ତରୀୟ ଆଲୋଚନା ବୈଠକ ଅନୁଷ୍ଠିତ ହେବ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଅଷ୍ଟ୍ରେଲିଆର ଉପପ୍ରଧାନମନ୍ତ୍ରୀ ତଥା ପ୍ରତିରକ୍ଷାମନ୍ତ୍ରୀ ରିଚାର୍ଡ ମାର୍ଲେସ ବୈଠକରେ ସହ ଅଧ୍ୟକ୍ଷତା କରିବେ । ପ୍ରତିରକ୍ଷା ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଉଭୟପକ୍ଷଙ୍କ ମଧ୍ୟରେ ପ୍ରତିରକ୍ଷା, ସୁରକ୍ଷା ସହଯୋଗ, ସାମରିକ ଦକ୍ଷତା, ଶିଳ୍ପ ସହଯୋଗ ବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗରେ ମତ ବିନିମୟ ହେବ । ଦ୍ୱିପାକ୍ଷିକ ପ୍ରତିରକ୍ଷା ସମ୍ପର୍କକୁ ଅଧିକ ମଜଭୁତ କରିବା, ରଣନୀତିକ ବିଶ୍ୱାସକୁ ସୁଦୃଢ଼ କରିବା ସହଯୋଗ ବୃଦ୍ଧି, ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ସ୍ଥିରତା ଏବଂ ସୁରକ୍ଷାକୁ ପ୍ରୋତ୍ସାହନ ପ୍ରଦାନ କରିବା ଆଦି ବିଭିନ୍ନ କ୍ଷେତ୍ରରେ ସହଭାଗିତାର ନୂତନ

ମାର୍ଗ ଉନ୍ମୋଚନ କରିବାକୁ ବୈଠକରେ ଆଲୋଚନା ହେବାର ଆଶା କରାଯାଉଛି ।

## କଟନ୍ କଷ୍ଟମ୍ ଡ୍ୟୁଟି

ସରକାର କପା ଉପରେ ଆମଦାନୀ ସୀମା ଶୁଳ୍କକୁ ଅସ୍ଥାୟୀ ଭାବରେ ଛାଡ଼ କରିଛନ୍ତି। ଆସନ୍ତା କାଲିଠାରୁ  ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଏହି ସମୟସୀମା ବଳବତ୍ତର ରହିବ । କେନ୍ଦ୍ର ବୟନ ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁଯାୟୀ କପା ଚାଷୀଙ୍କ ସ୍ୱାର୍ଥ ଏବଂ କପା ମୂଲ୍ୟ ଶୃଙ୍ଖଳାକୁ ବିଚାର କରାଯାଇ ଏହି ନିଷ୍ପତ୍ତି ନିଆଯାଇଛି। ଏହି ରିହାତି ଫଳରେ ବୟନ ଶିଳ୍ପ ପାଇଁ ପର୍ଯ୍ୟାପ୍ତ କପା ଉପଲବ୍ଧତା ସୁନିଶ୍ଚିତ କରାଯିବା ସହ ଏମ୍.ଏସ୍.ଏମ୍.ଇ. ଗୁଡ଼ିକ ପାଇଁ ଏହା ସହାୟକ ହେବ । ସୀମା ଶୁଳ୍କ ହ୍ରାସ ଫଳରେ ଭାରତୀୟ ବୟନଶିଳ୍ପ ଆନ୍ତର୍ଜାତିକ ବଜାରରେ ଦୃଢ଼ ପ୍ରତିଯୋଗିତା କରିପାରିବ ବୋଲି ଆଶା କରାଯାଉଛି । ଏହି ପଦକ୍ଷେପ କୃଷକଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବ ବୋଲି ମନ୍ତ୍ରଣାଳୟ କହିଛି ।

## ଆଇପିଏଲ୍

ଆଇପିଏଲ କ୍ରିକେଟର ଚଳିତ ସଂସ୍କରଣର ଆଜି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଗୁଜରାଟ ଟାଇଟାନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ସନ୍ଧ୍ୟା ୭ଟା ୩୦ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ ।

ଉଭୟ ଦଳ ଦ୍ୱିତୀୟ ଆଇପିଏଲ୍ ଟାଇଟଲ୍ ପାଇଁ ଲକ୍ଷ୍ୟ ରଖିଛନ୍ତି। ଗୁଜରାଟ ୨୦୨୨ରେ ପ୍ରଥମ ଆଇପିଏଲ୍ ଟାଇଟଲ ହାସଲ କରିଥିବାବେଳେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୨୦୨୫ରେ ଏହି ଟ୍ରଫି ହାସଲ କରିଥିଲା ।